**ଗ୍ରାମୀଣ କୃଷି ମୌଷମ ସେବା, କ୍ଷେତ୍ରୀୟ କୃଷି ଉପଦେଶ ଏକକ, କିରେଇ**

**ଆଞ୍ଚଳିକ ଗବେଷଣା ଓ ବୈଷୟିକ ସଂପ୍ରସାରଣ ଉପକେନ୍ଦ୍ର, ସୁନ୍ଦରଗଡ**

**ଓଡିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ, ସୁନ୍ଦରଗଡ**

*ସାପ୍ତାହିକ କ୍ରମିକ ସଙ୍ଖ୍ୟା : ୪୯, ବୁଲେଟିନ ନମ୍ବର- ୯୮ , ତାରିଖ :୦୮।୧୨।୨୦୨୩ , ଶୁକ୍ର ବାର*

**ଆସନ୍ତା ପାଞ୍ଚ ଦିନର ପାଣିପାଗ ସୂଚନା :**

ଆଗାମୀ ୦୯.୧୨.୨୦୨୩ –୧୩.୧୨.୨୦୨୩ ,ଶନି ବାର - ବୁଧ ବାର ପର୍ଯ୍ୟନ୍ତ ସପ୍ତାହର ପାଣିପାଗ ଆଗାମୀ ପାଞ୍ଚ ଦିନରେ ଅତି ହାଲୁକା ଧରଣର ବର୍ଷା ହେବାର ସମ୍ଭାବନା ରହିଅଛି ।ସର୍ବାଧିକ ତାପମାତ୍ରା (୨୫ -୨୯ $^0$C)ମଧ୍ୟରେ ରହିବାର ସମ୍ଭାବନା ରହିଛି ଓ ସର୍ବନିମ୍ନ ତାପମାତ୍ରା (୧୩ -୧୬ $^0$C ) ମଧ୍ୟରେ ରହିବାର ସମ୍ଭାବନା ରହିଛି ।ଆଗାମୀ ସପ୍ତାହର ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା(୫୪–୯୪%) ମଧ୍ୟରେ ଓ ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା (୩୦–୭୦ %) ମଧ୍ୟରେ ରହିବାର ଭାରତ ପାଣିପାଗ ବିଭାଗ ,ଭୁବନେଶ୍ୱର ର ତଥ୍ୟ ଅନୁଯାୟୀ ପୂର୍ବାନୁମାନ କରାଯାଉଅଛି ।

| ଜିଲ୍ଲା | ତାରିଖ | ବର୍ଷା (ମି.ମି) | ସର୍ବାଧିକ ତାପମାତ୍ରା (ଡି.ସେ) | ସର୍ବନିମ୍ନ ତାପମାତ୍ରା (ଡି.ସେ) | ମେଘାଛନ୍ନ | ସର୍ବାଧିକ ଆପେକ୍ଷିକ ଆଦ୍ରର୍ତା (ପ୍ରତିଶତ) | ସର୍ବନିମ୍ନ ଆପେକ୍ଷିକ ଆଦ୍ରର୍ତା (ପ୍ରତିଶତ) | ବାୟୁ ର ବେଗ (କି.ମି. ପ୍ର.ଘ) | ବାୟୁ ର ଦିଗ (ଡି.ଗ୍ରୀ) |
|---|---|---|---|---|---|---|---|---|---|
| ସୁନ୍ଦରଗଡ | ୦୯-୧୨-୨୦୨୩ | ୨ | ୨୫ | ୧୬ | ୫ | ୯୪ | ୭୦ | ୫ | ୭୧ |
| | ୧୦-୧୨-୨୦୨୩ | ୦ | ୨୭ | ୧୪ | ୪ | ୭୮ | ୫୩ | ୫ | ୭୨ |
| | ୧୧-୧୨-୨୦୨୩ | ୦ | ୨୮ | ୧୩ | ୩ | ୬୧ | ୪୧ | ୫ | ୬୪ |
| | ୧୨-୧୨-୨୦୨୩ | ୦ | ୨୮ | ୧୩ | ୨ | ୫୫ | ୩୪ | ୫ | ୬୮ |
| | ୧୩-୧୨-୨୦୨୩ | ୦ | ୨୯ | ୧୩ | ୩ | ୫୪ | ୩୦ | ୫ | ୭୧ |

**କୃଷି ପାଣିପାଗ ଉପଦେଶ**

**ସାଧାରଣ ପରାମର୍ଶ :** ଅମଳ ହୋଇଥିବା କୃଷିଜାତ ଦ୍ରବ୍ୟକୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ କରାଇଦିଅାନ୍ତୁ । ଯେଉଁମାନେ ଅମଳ କରିବେ ପାଣିପାଗ ସ୍ୱଷ୍ଟ ହେବାପର୍ଯ୍ୟନ୍ତ ଅମଳକୁ ସ୍ଥଗିତ ରଖିବେ ।

ପନିପରିବା ତଥା ରବି ଫସଲରେ ଜଳନିଷ୍କାସନ କରିବା ପାଇଁ ତୁରନ୍ତ ପଦକ୍ଷେପ ନିଅନ୍ତୁ । ବାଇଗଣ,ବିଲାତିବାଇଗଣ,ଫୁଲକୋବି,ବନ୍ଧାକୋବି,ବ୍ରୋକୋଲି ଓ କ୍ୟାପ୍ସିକମ ଆଦିଫସଲତଳିଘେରାରେଧଳା ଜରି ବାଉଁଶ ଢେରାଦେଇ ଘୋଡାଇ ବର୍ଷାଦାଉରୁ ରକ୍ଷାକରନ୍ତୁ ।

**ଡାଲୁଅ ଧାନ :**

୦୧.ଏହି ମାସ ଶେଷ ସୁଧା ତଳି ପକାଇବା କାମ ଶେଷ କରନ୍ତୁ ।

୦୨.ଏଥିପାଇଁ ସଅଳ ଓ ମଧ୍ୟମ କିସମ ବିହନ ବ୍ୟବହାର କରନ୍ତୁ ।

୦୩. ଶେଷ ଓଡ ଚାଷ ସମୟରେ ୧୦ ଡେସିମିଲି ତଳିପଟିରେ ୪୦ ଝୁଡି ଶଢା ଗୋବର ଖତ ,୧୨ କି.ଗ୍ରା. ସିଂଗଲ ସୁପର ଫସଫେଟ ଓ ୦୨ କି.ଗ୍ରା. ମ୍ୟୁରେଟ ଅଫ ପଟାସ ସାର ମାଟିରେ ମିଶାଇ ଦିଅନ୍ତୁ ।

୦୪. ତଳି ଉଠାରିବା ପାଇଁ କାଦୁଅ ତଳିଘରା ପ୍ରସ୍ତୁତ କରନ୍ତୁ ।

**ବିଲାତି ବାଇଗଣ :** ଭଲ କିସମ ହେଉଛି ସ୍ୱର୍ଣ୍ଣ ସମ୍ପଦ, ଅର୍କ ରକ୍ଷକ, ଅର୍କ ସମ୍ରାଟ। ଉନ୍ନତମାନର ଚାରାକୁ 60 ସେଣ୍ଟିମିଟର ଓ 45 ସେଣ୍ଟିମିଟର ଉଚ୍ଚତାରେ ରୋପଣ କରନ୍ତୁ। କ୍ଷେତ ପ୍ରସ୍ତୁତି ସମୟରେ ନିମ୍ବ ପିଠା 1 ଟନ୍/ଏସି ଏବଂ ଏଫ୍.ଏମ୍/ଏସି ର 4 ଟନ୍ ପ୍ରୟୋଗ କରନ୍ତୁ।

**ଚିନାବାଦାମ:** ଧରଣୀ, କାଦରୀ-9, ଟିଏଜି-24, କଳିଙ୍ଗ ଚିନାବାଦାମ ଭଳି ଭଲ କିସମ ସଙ୍ଗ୍ରହ କରନ୍ତୁ। ବିହନ ହାର ହେଉଛି 50 କିଲୋ ବିହନ/ଏସି। ବିହନ ବୁଣିବା ପୂର୍ବରୁ ରାଇଜୋବିୟମ  30 ଗ୍ରାମ/କି.ଗ୍ରା. ବିହନରେ ଫଙ୍ଗିନାଶକ ଚିକିତ୍ସା କରିବା ପରେ ବିହନର ଚିକିତ୍ସା କରନ୍ତୁ। ବ୍ୟବଧାନ ହେଉଛି 30 ଓ 10 ସେ.ମି.। ଅନ୍ତିମ ଜମି ପ୍ରସ୍ତୁତି ପରେ 2 ଟି ଏଫ୍.ବାଇ.ଏମ୍, 100 କେ.ଜି ଜିପ୍ସମ୍, 4 କେ.ଜି ୟୁରିଆ, 35 କେ.ଜି ଡି.ଏପି ଏବଂ 26 କେ.ଜି ପୋଟାସକୁ ବେସାଲ୍ ଡୋଜ୍ ଭାବରେ ପ୍ରୟୋଗ କରନ୍ତୁ।

**ଗହମ :**ଗହମ ଫସଲରେ କାଳିଗୁଣ୍ଡି ରୋଗ ହୋଇଥିଲେ ,ଏହାର ଦମନ ସକାଶେ ଆକ୍ରାନ୍ତ ଗଛଗୁଡିକୁ ମାଟିରେ ପୋତିଦିଅନ୍ତୁ ଏବୌଁ ଏକର ପ୍ରତି ୨୦୦ ଗ୍ରାମ କାର୍ବେଣ୍ଡାଜିମ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ଫୁଲ ଓ କ୍ଷୀର ଢୋକିବା ଅବସ୍ଥାରେ ଜଳସେଚନ ପ୍ରତି ଧ୍ୟାନ ଦିଅନ୍ତୁ

**ଗୋଲାପ :-** ଗୋଲାପ ଗଛକୁ କାଣ୍ଟଛାଣ୍ଟ କରି ଅଳ୍ପ କେତେକ ସୁସ୍ଥସବଳ ଡାଳ ରଖିଲେ ତାହା ବଡ ତଥା ଉଚ୍ଚମାନର ଫୁଲ ପ୍ରଦାନ କରିଥାଏ। କାଣ୍ଟଛାଣ୍ଟ କରିବାର ୦୭ ରୁ ୧୦ ଦିନ ପରେ ବୁଦା ପ୍ରତି ୧୦୦ ଗ୍ରାମ ହିସାବରେ ହାଡ ଗୁଣ୍ଡ ଆମୋଫସ (୦୨ କି.ଗ୍ରା.) ଏସ.ଏସ.ପି. (୦୨ କି.ଗ୍ରା. ) ପଟାସିୟମ ସଲ୍ଫେଟ (୦୧ କି.ଗ୍ରା.) ମିଶ୍ରଣ ପ୍ରୟୋଗ କରନ୍ତୁ ଯାହା ଫଳରେକି ଉନ୍ନତ ଧରଣର ଫୁଲ ଫୁଟିପାରିବ ।

**ଆଳୁ :**ଆଳୁ ଫସଲ ୨-୩ ସପ୍ତାହ ର ହୋଇଯାଇଥିଲେ ପ୍ରଥମ କୋଡାଖୁସା କରି ହୁଡା ଟେକିଦିଅନ୍ତୁ ।

ଏହି ସମୟରେ ୫୦ କିଗ୍ରା ଯବକ୍ଷାରଜାନ ୬୦ କିଗ୍ରା ପଟାସ ଆଳୁ ଗଛରେ ଧାଡିରେ ଦୁଇପାଖରେ ୭-୧୦ ସେମି ଦୂରତାରେ ୨-୩ ସେମି ଗଭୀରରେ ପ୍ରୟୋଗ କରନ୍ତୁ ।

ଆଳୁ ଫସଲରେ ସଅଳ ପତ୍ରପୋଡା  ରୋଗରୁ ରକ୍ଷା ପାଇବାପାଇଁ ହେକ୍ଟର ପ୍ରତି ୧.୫ କିଗ୍ରା ମାଙ୍କଜେବ କୁ ୫୦୦ ଲିଟର ପାଣିରେ ମିଶାଇ ଆଳୁ ଗଛରେ ଭଲଭାବରେ ସିଞ୍ଚନ କରନ୍ତୁ କିମ୍ବା ତଳି ରୋଇବାର ୩ ଦିନ ପରେ ହେକ୍ଟର ପ୍ରତି ୩.୫ ଲିଟର କ୍ଷମ୍ପ ବା ୧୫୦୦ ମିଲି ଟ୍ରିବୁଲିନ ୫୦୦ ଲିଟର ପାଣିରେ ମିଶାଇ ପ୍ରୟୋଗ କରନ୍ତୁ ।

**ପିଆଜ-**ପିଆଜ ତଳି ପ୍ରସ୍ତୁତ କରିବାସମୟରେ ଏକ ହେକ୍ଟର ଜମି ପାଇଁ ୫୦୦ ବର୍ଗମିଟର ପରିମିତ ଜମିରେ ତଳି ପକାନ୍ତୁ ତଳିପଟାଳି ଜମିଠାରୁ ୬ ଇଞ୍ଚଉଚ୍ଚ ୧ ମିଟର ଓସାର ଏବୌଁ ସୁବିଧା ଅନୁଯାୟୀ ଲମ୍ବ ହେବା ଆବଶ୍ୟକ ।

୨୦କିଗ୍ରା ଭଲ ଶଢା ଶୁଖିଲା ଗୋବର ଖତ ସହ ୧ କିଗ୍ରା ଟ୍ରାଇକୋଡର୍ମା ଭିରିଡେ ଜୀବଣୁସାର ଭଲଭାବରେ ମିଶାଇ ଏହାକୁ ୨-୩ ଦିନ ଛାଇରେ ପଲିଥିନ ଘୋଡାଇ ରଖି ତଳିପଟାଳିରେ ପ୍ରୟୋଗ କରି ବିଶୋଧିତ ବିହନ ଧାଡିରେ ବୁଣନ୍ତୁ ।

ଜଳ ନିଷ୍କାସନ ପାଇଁ ପ୍ରତି ତଳି ପଟାଳି ମଝିରେ ୧ ଫୁଟ ଓସାରର ନାଳ ରଖନ୍ତୁ ତଳି ୮-୧୦ ସପ୍ତାହର ହୋଇଯାଇଥିଲେ ଜମିରେ ରୋପଣ କରନ୍ତୁ । ହେକ୍ଟର ପିଛା ୮ ରୁ ୧୦ କିଗ୍ରା ବିହନ ଆବଶ୍ୟକ ଅଟେ ପିଆଜର ଅଧିକ ଅମଳକ୍ଷମ ବିହନ ଗୁଡିକ ହେଲା ଏଗ୍ରି ଫାଉଣ୍ଡ ଲାଇଟ ରେଡ,ଏନ -୫୩,ଭୀମା ସୁପର ଓ ଭୀମା ଶକ୍ତି ।

**କୁକୁଡ଼ା ପାଳନ :**ଅଧିକ ଅଣ୍ଡା ଓ ମାଂସ ପାଇଁ ଗାଁ ଗହଳିର ବାଡିବାଗିଚାରେ ବନରାଜା ,ଗ୍ରାମପ୍ରିୟ ଓ ପଲ୍ଲୀରଜା ପ୍ରଜାତିର କୁକୁଡ଼ା ପାଳନ କରନ୍ତୁ ।

**ମାଛ ଚାଷ :** ପୋଖରୀ ଭିତରକୁ ଗେଣ୍ଡା ଚଢେଇ ଓ କପୋତମାନର ପ୍ରବେଶକୁ ରୋକାଯିବା ଉଚିତ ଏହାଦ୍ବାରା ପରଜୀବୀମାନଙ୍କ ଜୀବନଚକ୍ରକୁ ଭଙ୍ଗାଯାଇ ପାରିବ

ମାଛ  ପୋଖରୀରେ ଯାଆଁଳମାନଙ୍କ ର ସ୍ବତନ୍ତ୍ର ଯତ୍ନ ନେବା ଆବଶ୍ୟକ

ପୋଖରୀରୁ ପରଜୀବୀମାନଙ୍କ ର ସଂକ୍ରମଣ ଯୋଗ୍ୟ ଅବସ୍ଥାକୁ ସମ୍ପୂର୍ଣ ମାରି ଦେଲେ ରୋଗ ହେବା ଆଶଙ୍କା କମିଯାଏ

**ବାଇଗଣ :**

ବାଇଗଣ ରେ କାଣ୍ଡ ଓ ଫଳବିନ୍ଧା ପୋକର ଦମନ ପାଇଁ ସମନ୍ବିତ ପୋକ ପରିଚାଳନା ପଦ୍ଧତି ଅନୁସାରେ ଏକର ପ୍ରତି ୨୦,୦୦୦ ଟ୍ରାଇକୋଗ୍ରାମା ପରାଶ୍ରୟୀ କୀଟ ଛାଡନ୍ତୁ କିମ୍ବା ୩୦୦ ପି ପି ଏମ ନିମ୍ବଜାତ କୀଟନାଶକକୁ ଏକର ପ୍ରତି ୧ ଲିଟର ହିସାବରେ ପ୍ରୟୋଗ କରନ୍ତୁ କିମ୍ବା ପ୍ରତି ଲିଟର ପାଣିରେ ୫ ଗ୍ରାମ କାର୍ବାରିଲ ମିଶାଇ ସିଞ୍ଚନ କରନ୍ତୁ ।

**ଲଙ୍କାମରିଚ :**

ଲଙ୍କାମରିଚ ଫସଲରେ ପତ୍ରମୋଡା ଦେଖାଦେଲେ ଏହାର ଦମନ ପାଇଁ  ପ୍ରତି ଲିଟର ପାଣିରେ ୨ ମିଲି ଆବାମେକ୍ଟିନ ୧.୯% କିମ୍ବା ୧.୫ ରୁ ୨ ମିଲି ଇଥିୟନ ମିଶାଇ ପତ୍ର ସିଞ୍ଚନ କରନ୍ତୁ ।

**ପ୍ରାଣୀ :**

ଶୀତଦିନରେ ଗାଈମାନଙ୍କ ଠାରେ ଭୂତାଣୁ ଜନିତ ଫାଟୁଆ ରୋଗ ଅଧିକ ଦେଖାଯାଇଥାଏ ।

ସେଥିପାଇଁ ଉକ୍ତ ଫାଟୁଆ ରୋଗର ପ୍ରତିଷେଧକ ବ୍ୟବସ୍ଥା ପାଇଁ ଏହି ମାସରେ ନିକଟସ୍ଥ ପ୍ରାଣୀ ଚିକିତ୍ସକ ଙ୍କ ସହିତ ପରାମର୍ଶ କରି ଟୀକା ଦିଆନ୍ତୁ ।

ଗାଈ ଛେଳି ମେଣ୍ଢା କୁକୁଡ଼ା ଥିବା ଘରର ଜାଲି କିମ୍ବା ଝରକାରେ ବସ୍ତା ଝୁଲାଇଲେ ରାତିରେ ସେମାନଙ୍କୁ ଅଧିକ ଶୀତ ହେବନାହିଁ ଓ ସେମାନେ ନିମୋନିଆ ଆଦି ରୋଗରୁ ରକ୍ଷା ପାଇପାରିବେ ।

ଛେଳି ଥିବା ଘରେ ତଳେ ଭାଡି ବା ବାଉଁଶ ଚାଞ୍ଚଡାର ବନ୍ଦୋବସ୍ତ କଲେ ଛେଳିମାନଙ୍କୁ ଥଣ୍ଡା ଓ ନିମୋନିଆରୁ ରକ୍ଷା ମିଳିପାରିବ  ।

କୃଷି କ୍ଷେତ୍ର ସହ ଜଡିତ ଯେକୌଣସି ସମସ୍ୟା ପାଇଁ ଟୋଲ ଫ୍ରି ନମ୍ବର ୧୫୫୧ କୁ ଡାଏଲ କରନ୍ତୁ।

ଉତ୍ତମ କୃଷି ଲାଭ ପାଇଁ, ଓୟୁଏଟି କଳିଙ୍ଗ ପ୍ରଡକ୍ଟସ୍ (ବିହନ, ସେପଲିଙ୍ଗ୍ ଏବଂ ଜେଡ୍ଡିଏମ୍, ଟିସୁ ଚାଷ ଉଦ୍ଭିଦ, ଫଳ ଓ ପନିପରିବା, ମୂଲ୍ୟଯୁକ୍ତ ଉତ୍ପାଦ, ଫିଙ୍ଗରଲିଙ୍ଗ୍/ଇୟରଲିଙ୍ଗ୍, କୁକୁଡ଼ା ଛୁଆ, ପ୍ରଜନନ, ମହୁମାଛି ଓ ଛେଳି, ଜୈବସାର, ଜୈବ କୀଟନାଶକ, ଭେରିମି ଏବଂ ଭେରିକମ୍ପୋଷ୍ଟ ଏବଂ ଫାର୍ମ ଉପକରଣ)

ଆଇଏମଡିର ପାଣିପାଗ ପୂର୍ବାନୁମାନ ଏବଂ ଓଡ଼ିଶା ସ୍ଥିତିର କୃଷି ପାଣିପାଗ ପରାମର୍ଶଦାତା ବର୍ତ୍ତମାନ ମେଘଦୂତରେ ଉପଲବ୍ଧ

ଇଂରାଜୀ ଓ ଓଡ଼ିଆ ଭାଷାରେ ମୋବାଇଲ୍ ଆପ୍/ଡାଉନଲୋଡ୍ କରିବା: (ଏଣ୍ଡ୍ରିଓଡ୍: ***https://play.google.com/store/apps/details?id_com.aas.meghdoot)***

**ବି : ଦ୍ରଷ୍ଟବ୍ୟ : ଓୟୁଏଟି ଶାଖା ଚିପଲିମା ଓ ଗମ୍ଭାରିପାଲି ବିହନ ଗବେଷଣା ଫାର୍ମ ଠାରେ ସ୍ୱର୍ଣ୍ଣ ଧାନ ବିହନ ୨୦ କିଗ୍ରା ବସ୍ତା ପିଛା ଟ. ୭୧୨ . ୪୦ ପଇସା ଚାଷୀ ନିମିତ୍ତ ବିକ୍ରି ହଉଅଛି |**

*ନୋଡାଲ ଅଫିସର, କିରେଇ*